# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ତାଡ଼ନା କାରୀରୁ ପ୍ରଚାରକ

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପ୍ଯୋଜକ: Ruth Klassen

କାହାଣି ୬୦ ରୁ ୫୮

www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ

Oriya



ପ୍ରଥମ ମଣ୍ଡଳୀରେ
ସଦାପ୍ରଭୁ ତାଙ୍କ
ଲୋକମାନଙ୍କ ଦ୍ୱାରା
ମହାନ କାର୍ଯ୍ୟ ସାଧନ କଲେ ।
ଜଣେ, ଫିଲିପ୍ପ ନମରେ ଏକ ପ୍ରେରିତ,

ଶମିରଣିୟ ନଗରକୁ ଯାଇ
ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ
ଘୋଷଣା କରିବାକୁ ଲାଗିଲେ । କିନ୍ତୁ
ଇଶ୍ୱର ତାଙ୍କୁ ମରୁଭୁମିକୁ ପ୍ରେରଣ
କଲେ । କାହିଁକି?





ଇଶ୍ୱର ଜାଣିଥିଲେ ସେହି ମରୁଭୁମି ଅଞ୍ଚଳରେ ଏକ
ପଥିକ ଅଛି ଯେ ଏକ ଉଚ୍ଚ ପଦ ପ୍ରାପ୍ତ ଲୋକ ସେ
କୁଶ୍ ଦେଶିୟମାନଙ୍କ କାଣ୍ଡାକୀ ନାମ୍ନୀ ରାଣୀଙ୍କ
ଅଧିନସ୍ତ ଥିଲେ । ସେ ବାହୁଡ଼ି ଯାଉ ଯାଉ ଆପଣା
ରଥରେ ବସି ବିଶେଷ ଶାସ୍ତ୍ର ପାଠ କରୁଥିଲେ ।
ତୁମେ କହିପାର କି ସେ କେଉଁ
ଶାସ୍ତ୍ରକୁ ପାଠ କରୁଥିଲେ?


ଯେତେବେଳେ
ଫିଲ୍ପ ଇଶ୍ୱରଙ୍କ
ବାଧ୍ୟ ହେଲେ, ସେ
ତାହାଙ୍କୁ ସେହି ପଦ ପ୍ରାପ୍ତ
ଲୋକଙ୍କ ନିକଟକୁ ନେଇଗଲେ
ଯେ ଇଶ୍ୱରଙ୍କ ଶାସ୍ତ୍ରରୁ ପଠ କରୁଥିଲେ
କିନ୍ତୁ କିଛି ବୁଝି ପାରୁ ନ ଥିଲେ । ସେ ଫିଲିପ୍ଙ୍କୁ
ତାଙ୍କ ସହିତ ଯିବାକୁ ନିମନ୍ତ୍ରଣ କଲେ ।
3


ଏହାର ତାତ୍ପର୍ଯ୍ୟ କଅଣ, ସେହି ପଦ ପ୍ରାପ୍ତ ଲେକ ଫିଲିପ୍ଙ୍କୁ
ପଚ଼ାରିଲେ । ସେହି ମରୁଭୂମିରେ ରଥ ଯିବା ସମୟରେ ଫିଲିପ୍
ମୁଖ ଫିଟାଇ ଶାସ୍ତ୍ରର ଏହି ବାକ୍ୟରୁ ଆରମ୍ଭ କରି ତାଙ୍କ
ନିକଟରେ ଯୀଶୁଙ୍କ ସୁସମାଚ଼ାର ପ୍ରଚ଼ାର କଲେ ।
4


ସେହି ଆଫ୍ରିକୀୟ ଶାସନକର୍ତ୍ତା
ଶିଘ୍ର ବାଇବଲର ବାକ୍ୟ ଉପରେ ଓ ଯୀଶୁ ଯେ
ଇଶ୍ୱରଙ୍କ ପୁତ୍ର ତାହା ବିଶ୍ୱାସ କଲେ । ଆଉ ସେମାନେ
ପଥରେ ଯାଉ ଯାଉ କୌଣସି ଏକ ସ୍ଥାନରେ ଜଳାଶୟ ଦେଖି
ସେ କହିଲା, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି?
5


ଫିଲିପ୍ କହିଲେ, ଯଦି ଆପଣ ସମସ୍ତ ଅନ୍ତକରଣ ସହିତ ବିଶ୍ୱାସ କରିନ୍ତି, ତାହାହେଲେ ହୋଇ
ପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଇଶ୍ୱରଙ୍କ ପୁତ୍ର,
ଏହା ମୁଁ ବିଶ୍ୱାସ କରୁଅଛି । ପୁଣି ଫିଲିପ୍ ତାହକୁ ଜଳ
ଭିତରକୁ ନେଇ ବାପ୍ତିସ୍ମ ଦେଲେ ।
6


ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର
ଆତ୍ମା ଫିଲିପ୍ଙ୍କୁ ଘେନିଗଲେ, ପୁଣି ନପୁଂଶଂକ ତାଙ୍କୁ
ଦେଖି ପାରିଲେ ନାହିଁ । ସେ ଆନନ୍ଦ କରୁ କରୁ
ଆପଣା ପଥରେ ଚ଼ଲିଗଲେ ।
7


କିନ୍ତୁ କେତେକ ଲୋକ ବିଶ୍ୱାସି ମାନଙ୍କୁ ଘୃଣା କରୁଥିଲେ, ଷ୍ଟିଫାନ, ଫିଲିପ୍ଙ୍କ ବନ୍ଧୁମାନଙ୍କ ମଧ୍ୟରୁ
ଜଣେ ଥିଲେ । ଯେ ସେହି କ୍ରୋଧିତ ଲୋକମାନଙ୍କ ଦ୍ୱାରା ମାରାପଡ଼ିଗଲେ । ସେମାନେ ଯୀଶୁଙ୍କ
ବିଷୟରେ ଶୁଣିବାକୁ ଇଛା କରୁ ନଥିଲେ । ଶାଉଲ ନାମରେ ଏକ ଯୁବକ ଯେ କି ତାର୍ଶ ନଗରର
ଲୋକ ଯେ ଷ୍ଟିଫାନଙ୍କୁ ବଧକରିବାକୁ ସାହାଯ୍ୟ କଲା । ଶାଉଲ ସମସ୍ତ ବିଶ୍ୱାସି ବିଶ୍ୱାସିନୀ ମାନଙ୍କୁ
ଘୃଣା କରୁଥିଲେ ।
8


ଶାଉଲ, ବିଶ୍ୱାସି ମାନଙ୍କୁ ପୁରୁଷ କିମ୍ବା ସ୍ତ୍ରୀର
ଦେଖା ପାଆନ୍ତି, ଯେପରି ସମାନଙ୍କୁ ବାନ୍ଧି
ଯିରୁଶାଲମକୁ ଆଣି ପାରନ୍ତି ଏଥି ସକାଶେ
ଦମ୍ମେଶକର ସମସ୍ତ ସମାଜ ଗୃହକୁ ଯାଇ
ସେମାନଙ୍କଠାରୁ ପତ୍ର ମାଗିଲେ ।
9


ତାର୍ଶ ନଗରର ଶାଉଲ, ସେ
ଜାଣିନଥିଲା ଯେତେବେଳେ
ସେ ପ୍ରଭୁଙ୍କ ଲୋକମାନଙ୍କୁ
ତାଡ଼ାନା କଲେ ମାତ୍ର
ବାସ୍ତବରେ ସେ ଯୀଶୁଙ୍କୁ
ତାଡ଼ନା କରୁଥିଲେ । ପ୍ରଭୁ
ଶାଉଲଙ୍କୁ ରୋକିବା
ଆବଶ୍ୟକ ।  କିନ୍ତୁ କିପରି?
10


ପ୍ରଭୁ ଶାଉଲ ଧରିଲେ, ଶାଉଲ,
ଯେତେବେଳେ ଶାଉଲ ଦମ୍ମେଶକର
ରାସ୍ତାରେ ଥିଲେ, ଆକାଶରୁ ଆଲୋକ
ତାଙ୍କ ଚ଼ାରିଆଡ଼େ ଚମକି ଉଠିଲା ।
ଶାଉଲ ଭୂମିରେ ପଡ଼ିଗଲେ । ସେ
ଏକ ବାଣୀ ଶୁଣିଲେ ।
11


ହେ ପ୍ରଭୁ, ଆପଣ କିଏ? ମୁଁ ଯୀଶୁ ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ ।
ଭୟରେ ଓ ବିସ୍ମିତ ଭାବରେ ଶାଉଲ ପଚାରିଲେ, ହେ ପ୍ରଭୁ ମୋତେ
କଅଣ କରିବାକୁ ହେବ? ପୁଣି ପ୍ରଭୁ ତାହଙ୍କୁ କହିଲେ, ଉଠ ନଗରରେ
ପ୍ରବେଶ କର ଆଉ ତୁମ୍ଭକୁ କଅଣ କରିବାକୁ ହେବ ତାହା କୁହାଯିବ ।
12


ଶାଉଲଙ୍କ ସହିତ ଥିବା
ଲୋକମାନେ ମଧ୍ୟ ସେହି ସ୍ୱର
ଶୁଣିଥିଲେ, ମାତ୍ର କିଛି ଦେଖିଲେ
ନାହିଁ । ଶାଉଲ ଭୂମିରୁ ଉଠିଲେ
ସେତେବେଳେ ସେ କିଛି ଦେଖି
ପାରିଲେ ନାହିଁ । ସେମାନେ
ତାଙ୍କ ହାତଧରି
ଦମ୍ମେଶକକୁ
ନେଇଗଲେ ।
13


ନଗରରେ ଶାଉଲ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟିହିନ
ହୋଇ ରହିଲେ ପୁଣି କିଛି ଖାଇଲେ ନାହିଁ କି
ପିଇଲେ ନାହିଁ । ହୋଇପାରେ ସେ ସେହି
ସମୟ ଯୀଶୁଙ୍କୁ ପ୍ରାର୍ଥନାରେ ବିତାଇଲେ
ଯେ ଦମ୍ମେଶକର ରାସ୍ତାରେ
ତାଙ୍କୁ ଦେଖା ଦେଲେ ।
14

ପ୍ରଭୁ ସମସ୍ତ କିଛି ଯୋଜନା କରି ରଖିଥିଲେ । ଦମ୍ମେଶକରେ ହନନୀୟ ନମରେ ଜଣେ ଶିଷ୍ୟ ଥିଲେ । ପ୍ରଭୁ ତାଙ୍କୁ ଶାଉଲଙ୍କୁ ସାହାଯ୍ୟ କରିବାକୁ ପ୍ରେରଣ କଲେ । କିନ୍ତୁ ହନନୀୟ ଭୟ କଲେ । ମାତ୍ର ପ୍ରଭୁଙ୍କର ବାଧ୍ୟ ହେଲେ । ଯେତେବେଳେ ସେ ଶାଉଲଙ୍କ ଉପରେ ହସ୍ତାର୍ପଣ କଲେ ପୁଣି ଶାଉଲ ଦେଖିପାରିଲେ ଶାଉଲ ମଧ୍ୟ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ।



15

ଶାଉଲ ବାପ୍ତିଜିତ ହେଲେ । ଆଉ ସେ ଭୋଜନ କରି ବଳ ପାଇଲେ, ଶାଉଲଙ୍କୁ ଶକ୍ତିର ଆବଶ୍ୟକତା ଥିଲା । ତାଙ୍କ ଅତି ମହତ୍ଵପୂର୍ଣ୍ଣ କାର୍ଯ୍ୟ କରିବାକୁ ଥିଲା ।



16

ସଂଙ୍ଗେ ସଂଙ୍ଗେ ଶାଉଲ ସମାଜ ଗୃହରେ ଯୀଶୁଙ୍କ ବିଷୟରେ ପ୍ରଚାର କଲେ, ଯେ ସେ ଇଶ୍ଵରଙ୍କ ପୁତ୍ର ଅଟନ୍ତି । ଯେତେଲୋକ ତାହା ଶୁଣିଲେ ସମସ୍ତେ ଆଚମ୍ବିତ ହେଲେ । ଏ କି ସେହି ନୁହେଁ ଯେ ବିଶ୍ୱାସି ମାନଙ୍କୁ ଛିନ୍ନ ଭିନ୍ନ କଲା, ଏବଂ ସେମାନେ ଶାଉଲଙ୍କୁ ହତ୍ୟା କରିବାକୁ ମନ୍ତ୍ରଣା କଲେ ।



17



ଶାଉଲଙ୍କ ନୂତନ ଶତ୍ରୁମାନେ ତାଙ୍କୁ ହତ୍ୟା କରିବା ନିମନ୍ତେ ନଗରଦ୍ୱାର ଜଗି ରହିଲେ । କିନ୍ତୁ ତାଙ୍କର ନୂତନ ବନ୍ଧୁମାନେ, ଶିଷ୍ୟମାନେ, ରାତ୍ରୀସମୟରେ ତାଙ୍କୁ ଘେନି ଗୋଟିଏ ବେତାରେ ପ୍ରାଚିର ଦେଇ ତଳକୁ ଓହ୍ଲାଇଦେଲେ । ଏବଂ ସେହି ସମୟଠାରୁ ଶାଉଲ ଯେ ବିଶ୍ୱାସି ମାନଙ୍କ ନିମନ୍ତେ ଏକ ନିର୍ଯ୍ୟାତନାକାରୀ ଥିଲେ ବର୍ତ୍ତମାନ ସେ ତାଙ୍କ ନୂତନ ପ୍ରଭୁଙ୍କ ସହିତ ବିଶ୍ୱସ୍ତତାରେ ଜୀବନ ଯାପନ କଲେ । ପ୍ରଭୁ ଯୀଶୁ ଖ୍ରୀଷ୍ଟ

18

ତାଡ଼ନା କାରୀରୁ ପ୍ରଚାରକ

**ବାଇବଲ, ପରମେଶ୍ଵରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୮-୯

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ଵର ଜାଣନ୍ତି, ଆଉ ତାହାକୁ ଇଶ୍ଵର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ଵର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ଵିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ଵର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ଵର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ଵରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ଵର ମୁ ବିଶ୍ଵାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ଦ୍ଵାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ଵରଙ୍କ ସହିତ କଥୋପକଥନ ହୁଅନ୍ତୁ ।